# Joint inauguration and launch of projects by Prime Minister Narendra Modi and Prime Minister of Mauritius Pravind Kumar Jugnauth

January 19, 2022

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମରିସସର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ମିଳିତ ଭାବେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ କରିବେ

ଜାନୁଆରୀ 19, 2022

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମରିସସର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥ ମିଳିତ ଭାବେ 20 ଜାନୁଆରୀ 2022 ଅପରାହ୍ନ ପ୍ରାୟ 4:30 ସମୟରେ ମରିସସରେ ଭାରତ ସହାୟତା ପ୍ରାପ୍ତ ସାମାଜିକ ଆବାସ ୟୁନିଟ୍ ପ୍ରକଳ୍ପର ଭର୍ଚୁଆଲ ଉପାୟରେ ଉଦଘାଟନ କରିବେ। ଉଭୟ ନେତା ମରିସସରେ ଭାରତର ବିକାଶ ସହାୟତାରେ ଚାଲିଥିବା ସିଭିଲ ସର୍ଭିସ କଲେଜ ଏବଂ 8 ମେଗା ୱାଟ ବିଶିଷ୍ଟ ସୌର ପିଭି ଫାର୍ମ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିବେ।

ଏହି ଅବସରରେ ମେଟ୍ରୋ ଏକ୍ସପ୍ରେସ ପ୍ରକଳ୍ପ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଭାରତ ତରଫରୁ ମରିସସକୁ 190 ମିଲିଅନ ଡଲାର ଋଣ ବ୍ୟବସ୍ଥା ପାଇଁ ଏକ ଚୁକ୍ତିନାମା ଏବଂ କ୍ଷୁଦ୍ର ବିକାଶ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ ଏମଓୟୁ ମଧ୍ୟ ବିନିମୟ ହେବ।

ନୂଆଦିଲ୍ଲୀ

ଜାନୁଆରୀ 19, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.